## ବେଆଇନ ମହୁଲି ମଦ ବ୍ୟବସାୟ : ୪ ଗିରଫ

ପାଟଣା, (ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ପାଟଣା ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରି ବିପୁଳ ପରିମାଣର ମହୁଲି ମଦ ବିକ୍ରି ଅଭିଯୋଗରେ ପୋଲିସ ୪ ଜଣ ଙ୍କୁ ଗିରଫ କରିଛି। ସେମାନେ ହେଲେ ପ୍ରଦୀପ ବେହେରା, ପ୍ରଧାନ ମୁର୍ମୁ, ନାରାୟଣ ମାଝୀ, ଓ ଦୈତାରୀ ପାତ୍ର। ଏମାନଙ୍କ ଠାରୁ ମୋଟ ୮୦ ଲିଟର ଦେଶୀ ମହୁଲି ମଦ ଜବତ ହୋଇଛି। ଏହି ଚଢ଼ାଉରେ ଅବକାରୀ ଅଧିକାରୀ ଜନାର୍ଦ୍ଦନ ପଲେଇ, ଏଏସଆଇ ରଙ୍ଗାଧର ପାତ୍ରଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

### ସଂକ୍ଷେପରେ

## ଫୁଟିଲା ମଣି ନାଗେଶ୍ୱରୀ ଫୁଲ



ବାରିପଦା ଅଫିସ,୧୨।୫-ବାରିପଦା ସହର ସ୍ୱରୂପନଗରସ୍ଥିତ ଧରଣୀ କୁମାର ଦେଙ୍କ ଛାତରେ ଥିବା ଫୁଲକୁଣ୍ଡରେ ମଣି ନାଗେଶ୍ୱରୀ ଫୁଲ ଫୁଟିଛି। ଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମୁଛି। ଏହି ଫୁଲ ଦକ୍ଷିଣ ଭାରତର ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖିବାକୁ ମିଳିଥାଏ। ୫ବର୍ଷରେ ଥରେ ଏହି ଫୁଲ ଫୁଟୁଥିବା ବେଳେ ବାରିପଦାରେ ଏଭଳି ଫୁଲକୁ ଦେଖି ଅଞ୍ଚଳବାସୀ ଆନନ୍ଦିତ ହୋଇଛନ୍ତି। ଧରଣୀ କୁମାର ଭାଇଜାକ୍ ସହରରୁ ଫୁଲ ଗଛର ଗେଣ୍ଡୁକୁ ଆଣି ୨୦୧୭ରେ ନିଜ ଛାତର ଫୁଲକୁଣ୍ଡରେ ପୋତିଥିଲେ।

## ଜଙ୍ଗଲରୁ ମିଳିଲା ଯୁବକଙ୍କ ଝୁଲନ୍ତା ମୃତଦେହ

ପାଟଣା, ୧୨।୫( ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା କୁଣ୍ଡଳା ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଗୁରୁବାର ଘଟଗାଁ ଥାନା ପଛ ପଟେ ଥିବା ଅଟେଇ ସଂରକ୍ଷିତ ଜଙ୍ଗଲରୁ ଜବତ ହୋଇଛି। ମୃତକ ହେଲେ ପାଟଣା ଥାନା କୁଣ୍ଡଳା ପୁରୁଣା ସାହିର ଭାଗବତ ଦାସ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ। ଗତ ଶୁକ୍ରବାର ସେ ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇ ଅସ୍ତ୍ରୋପଚାର ହୋଇଥିଲେ। ଗତ ଶନିବାର ରାତିରୁ ସେ ହସ୍ପିଟାଲରୁ କେଉଁଆଡ଼େ ଚାଲି ଯାଇ ନିଖୋଜ ଥିଲେ। ଘଟଗାଁ ଡାକ୍ତରଖାନା କର୍ତ୍ତୃପକ୍ଷ ତାଙ୍କର ଖୋଜଖବର ନ ପାଇବାରୁ ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗୁରୁବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେ କାହିଁକି ଆତ୍ମହତ୍ୟା କଲେ ତାହା ସନ୍ଦେହଘେରରେ ରହିଛି।

## ବଳାତ୍କାର ମାମଲାରେ ନାବାଳକ ଦୋଷୀ

କେନ୍ଦୁଝର, ୧୨।୫(ସ୍ୱ.ପ୍ର.): ଏକ ବଳାତ୍କାର ମାମଲାର ଶୁଣାଣି କରି ଗୁରୁବାର କେନ୍ଦୁଝର ପ୍ରିନ୍ସିପାଲ ମାଜିଷ୍ଟ୍ରେଟ ଜୁଭେନାଇଲ ଜଷ୍ଟିସ କୋର୍ଟ ଜଣେ ନାବାଳକଙ୍କୁ ଦୋଷୀ ସାବ୍ୟସ୍ତ କରି ଏକ ବର୍ଷ ପ୍ରୋବେସନରୀ ଅଫିସରଙ୍କ ତତ୍ତ୍ୱାବଧାନରେ ରହିବାକୁ ଆଦେଶ କରିଥିବା ସରକାରୀ ଆଇନଜୀବୀ ସଞ୍ଜୀବ ଦାସ ସୂଚନା ଦେଇଛନ୍ତି। ଏହି ଘଟଣା ୨୦୨୦ ମସିହା ପଣ୍ଡାପଡ଼ା ଥାନା ଅଞ୍ଚଳରେ ଘଟିଥିଲା। ବଳାତ୍କାର ମାମଲା (ନଂ.୩୪/୨୦) ରୁଜୁ କରି ତାଙ୍କୁ ବାଲସୁଧାର ଗୃହରେ ରଖାଯାଇଥିଲା।

## ଜେଜେଙ୍କୁ ଖୋଜୁଛନ୍ତି ନାତୁଣୀ



ନୀଳଗିରି, ୧୨।୫(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ସୁଗୋ ନିକଟସ୍ଥ ଧାନସିମୁଳିଆ ଗାଁର ରାମକୃଷ୍ଣ ଚାନ୍ଦଙ୍କୁ ଖୋଜି ବୁଲୁଛନ୍ତି ୨୨ବର୍ଷୀୟା ନାତୁଣୀ ଦେବସ୍ମିତା। ସାମାନ୍ୟ ବଚସାକୁ ନେଇ ଗତ ଏପ୍ରିଲ ୧ ତାରିଖରେ ରାମକୃଷ୍ଣ ଘର ଛାଡି ପଳାଇଥିଲେ। ବିଭିନ୍ନ ଆଧାତ୍ମିକ କାର୍ଯ୍ୟରେ ରୁଚି ରଖିବା ସହ ଜଣେ କଳାକାର ହୋଇଥିବାରୁ ଦେବସ୍ମିତା ତାଙ୍କୁ ବିଭିନ୍ନ ଧାର୍ମିକ ପୀଠସ୍ଥଳରେ ଖୋଜିବା ସହ ଜେଜେଙ୍କ ଫଟୋ ଦେଖାଇ ପଚରାଉଚରା କରୁଛନ୍ତି। ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ଜେଜେ ଫୁଲ ବିକୁଥିବା ଖବରପାଇ ଗୁରୁବାର ଦେବସ୍ମିତା ସେଠାରେ ପହଞ୍ଚିଥିଲେ। ଏଭଳି ଲୋକଙ୍କୁ ପଞ୍ଚଲିଙ୍ଗେଶ୍ୱରରେ କେହି ଦେଖି ନ ଥିବା ସ୍ଥାନୀୟ ଲୋକଙ୍କଠାରୁ ଶୁଣିବା ପରେ ମନ ଦୁଃଖରେ ଫେରିଥିଲେ।ବାପା ଗୌରାଙ୍ଗ ଚାନ୍ଦଙ୍କ ମୃତ୍ୟୁ ପରେ ଝିଅ ଦେବସ୍ମିତା ବେସାହାରା ହୋଇପଡ଼ିଥିଲେ। କିଛିଦିନ ପରେ ବାରିପଦାସ୍ଥିତ ମହିଳା ସୁରକ୍ଷା ମଞ୍ଚ ରାଜ୍ୟ ସଭାପତି ନିରୂପମା ସାହୁ ତାଙ୍କୁ ଆଶ୍ରୟ ଦେବା ସହ ବାରିପଦାର ଏକ ମହାବିଦ୍ୟାଳୟରେ ଯୁକ୍ତ ୩ ପାଠପଢ଼ା ଦାୟିତ୍ୱ ମଧ ସମ୍ଭାଳୁଛନ୍ତି। ଜେଜେ ଚାଲିଯିବା ପରେ ଦେବସ୍ମିତା ଆହୁରି ଭାଙ୍ଗିପଡିଛନ୍ତି। ଜେଜେଙ୍କୁ ଖୋଜିବାରେ ମଞ୍ଚର ସଭାପତି ନିରୂପମା ସାହୁ ମଧ ସହଯୋଗ କରୁଛନ୍ତି।

# ବିଦ୍ୟାଳୟରେ ତାଲା ପକାଇ ରାସ୍ତାରେ ଛାତ୍ରୀଛାତ୍ର

ଆନନ୍ଦପୁର,୧୨।୫(ସ୍ୱ.ପ୍ର.)

ଗୁରୁବାର ସକାଳୁ ବିଦ୍ୟାଳୟକୁ ଛାତ୍ରଛାତ୍ର ଆସିଥିଲେ। ହେଲେ ପିଲାମାନେ ବିଦ୍ୟାଳୟ ଭିତରକୁ ନ ଯାଇ ଫାଟକରେ ତାଲା ପକାଇଦେଇଥିଲେ। ରାସ୍ତା ଉପରେ ବସି ଆମେ ପାଠପଢିବୁ ଆମକୁ ଶିକ୍ଷକ ଦିଅ ନାରାରେ କମ୍ପିଲେ। ଆମକୁ ଆମ ଅଧିକାର ଦିଅ, ଶିକ୍ଷାଧିକାରରୁ ବଞ୍ଚିତ କରାଅ ନାହିଁ ବୋଲି ପାଟି କରିଥିଲେ। ପିଲାଙ୍କୁ ଏମିତି ଦେଖି ଶିକ୍ଷୟତ୍ରୀ ଶିକ୍ଷକ ଫାଟକ ସମ୍ମୁଖରେ କିଛି ଉପାୟ ନ ପାଇ ଛିଡା ହୋଇରହିଲେ। ଆନନ୍ଦପୁର ସଦରମହକୁମାରେ ଥିବା ସର୍ବପୁରାତନ ଶିକ୍ଷାନୁଷ୍ଠାନ ଆନନ୍ଦପୁର ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଗୁରୁବାର ଏଭଳି ଘଟଣା ଦେଖିବାକୁ ମିଳିଛି।

୧୮୮୫ ମସିହାରେ ପ୍ରତିଷ୍ଠିତ ଆନନ୍ଦପୁର ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ୨୩୦ ଛାତ୍ରୀଛାତ୍ର ଅଧ୍ୟୟନରତ ଅଛନ୍ତି। ପ୍ରଥମରୁ ଅଷ୍ଟମ ୮ ଗୋଟି ଶ୍ରେଣୀର ପିଲାଙ୍କୁ ପାଠପଢାଇବା ପାଇଁ ୫ ଜଣ ଶିକ୍ଷୟତ୍ରୀ ଶିକ୍ଷକ ଅଛନ୍ତି। ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନଥିବାରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ବିଦ୍ୟାଳୟ ପରିଚାଳିତ ହେଉଥିବାବେଳେ ୪ ଜଣ ଶିକ୍ଷୟତ୍ରୀ ଶିକ୍ଷକଙ୍କ ଦ୍ୱାରା ପାଠ ପଢ଼ାଯାଉଛି। ଏଥିପାଇଁ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେଉଥିବାରୁ ବହୁବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଇଥିବା ପରିଚାଳନା କମିଟି ଅଧକ୍ଷ ବିଜୟ ପାଢୀ ସୂଚନା ଦେଇଛନ୍ତି। ଏପରିକି ଚଳିତ ମାସ ୧୦ ତାରିଖ ସୁଦ୍ଧା ଆବଶ୍ୟକ ଶିକ୍ଷୟତ୍ରୀ ଶିକ୍ଷକ ଯୋଗାଇ ଦିଆଯିବ ବୋଲି ଉଚ୍ଚ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ ବି ଏହା ପୁରଣ ନହେବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହୋଇଥିବା ଜଣାପଡିଛି। ୮ଟି ଶ୍ରେଣୀକୁ ୪ ଜଣ ଶିକ୍ଷକ ପିଲାଙ୍କୁ କେମିତି ପାଠ ପଢାଇବେ , ସେମାନଙ୍କ ଭବିଷ୍ୟତ କ'ଣ ହେବ ବୋଲି ଅଭିଭାବକ ଅଭିଯୋଗ କରିବା ସହିତ ଟିସି ନେଇଯିବାକୁ ଯିଦ୍ ଧରିଥିଲେ।

ଦୀର୍ଘ ସମୟ ଛାତ୍ରୀଛାତ୍ର ଫାଟକ ସମ୍ମୁଖରେ ବସିବା ପରେ ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀଙ୍କ ଦାୟିତ୍ୱରେ ଥିବା ବିଏନ ହାଇସ୍କୁଲ ପ୍ରଧାନ ଶିକ୍ଷକ ଜଣେ ଶିକ୍ଷକଙ୍କୁ ଡେପୁଟେଶନ୍‌ରେ ପଠାଇବାର ବ୍ୟବସ୍ଥା କରିଥିବା କଥା ଦାୟିତ୍ୱରେ ଥିବା ସିଆରସିସି ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ସୂଚନା ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଆଗାମୀ ଦିନରେ ସମସ୍ତ ଶିକ୍ଷକ ପଦବୀ ପୁରଣ ନହେଲେ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅଭିଭାବକମାନେ ଉଚ୍ଚ କର୍ତ୍ତପକ୍ଷଙ୍କୁ ଜଣାଇଛନ୍ତି।



ବିଦ୍ୟାଳୟ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

## 'ମଠମନ୍ଦିର ସମ୍ପତ୍ତି ଫେରାଇ ଅଣାଯାଉ'

ବାରିପଦା ଅଫିସ,୧୨।୫

ମୟୂରଭଞ୍ଜ ଜିଲାର ବିକାଶ ପାଇଁ ରାଜ୍ୟ ସରକାର ଦେଉଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରନ୍ତୁ। ମଠ ମନ୍ଦିର ସମ୍ପତ୍ତି ଫେରାଇ ଅଣାଯାଉ ବୋଲି ଭୁବନେଶ୍ୱର ଏମ୍‌ପି ତଥା ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡ଼ଙ୍ଗୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ବାରିପଦା ସ୍ଥିତ ଭୁଗୁଡାକଟା ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ ଆସିଥିବା ଅପରାଜିତା ଜିଲାର ବିକାଶ ଦିଗରେ ବିଭିନ୍ନ ସଙ୍ଗଠନ ସହିତ ଆଲୋଚନା କରି ଏହା ପ୍ରକାଶ କରିଛନ୍ତି।

ଜିଲାରେ ଥିବା ମଠମନ୍ଦିର ଗୁଡ଼ିକର ପରିଚାଳନା ନିମନ୍ତେ ତତ୍କାଳୀନ ମହାରାଜାଙ୍କ ପ୍ରଦତ୍ତ ଜମି ହଡ଼ପ କରାଯାଇଛି। ଓଡ଼ିଶା ହିନ୍ଦୁ ଧାର୍ମିକ ଅନୁଦାନ ଅତିରିକ୍ତ କମିଶନର ସୁମନ ଜେନାଙ୍କ ପ୍ରଦତ୍ତ ରିପୋର୍ଟ ଅନୁଯାୟୀ ଦେବୋତ୍ତର ବିଭାଗରେ ଥିବା ମୋଟ ୪୪ହଜାର ୨୨୧ଏକର ୯୬ଡେସିମିଲ ଜମି ମଧ୍ୟରୁ ମାତ୍ର ୮ରୁ୧୦ପ୍ରତିଶତ ଜମି ରେକର୍ଡଭୁକ୍ତ ରହିଛି। ୯୦ପ୍ରତିଶତ ଜମି ଭୁଲବଶତଃ ରାଜସ୍ୱ ବିଭାଗ ଅଧୀନକୁ ଚାଲିଯାଇଛି। ଅଧିକାଂଶ ଜମିକୁ ଜବରଦଖଲ କରି ଲୋକେ କୋଠା ନିର୍ମାଣ କରିଛନ୍ତି । ଏହାକୁ ନେଇ ମୁଖ୍ୟ ଶାସନ ସଚିବଙ୍କ ଉପସ୍ଥିତିରେ ୧୩ ଏପ୍ରିଲରେ ବୈଠକ ହୋଇଥିଲା। ଉକ୍ତ ଜମିକୁ ପୁନର୍ବାର ମଠମନ୍ଦିର ଅଧୀନକୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ଅପରାଜିତା ଦାବି କରିଛନ୍ତି ।

ସେହିପରି ବୁଢ଼ାବଳଙ୍ଗ ନଦୀରେ ଆଡ଼ିବନ୍ଧ ଓ ସହରରେ ରିଂ-ରୋଡ୍ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟ ସରକାର ଆଲୋଚନା କରି ୩୨ବର୍ଷ ଧରି ଚାଲୁ ରହିଥିବା ସୁବର୍ଣ୍ଣରେଖା ପ୍ରକଳ୍ପ କାର୍ଯ୍ୟ ଶେଷ କରିବା, ବନ୍ଦ ହୋଇ ପଡ଼ିଥିବା ସର୍ବପୁରାତନ ଆୟୁର୍ବେଦ ଓ ହୋମିଓପ୍ୟାଥି କଲେଜକୁ ପୁନଃ କାର୍ଯ୍ୟକ୍ଷମ କରିବା, ନିକ୍କୋ କାରାଖାନାକୁ ଚାଲୁ କରିବା, ରାଇରଙ୍ଗପୁରରେ ଏକ ଷ୍ଟିଲ ପ୍ଲାଣ୍ଟ ସ୍ଥାପନ, ଜିଲାରେ ଅଭାବୀ ଡାକ୍ତର ପୂରଣ କରିବା ସହିତ ପିଆର୍ଏମ୍ ମେଡିକାଲରେ ଖାଲି ପଡ଼ିଥିବା ଡାକ୍ତର, ପ୍ରଫେସର ଓ କର୍ମଚାରୀଙ୍କ ପଦବୀ ପୂରଣ କରି ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସେ ଦାବି କରିଥିଲେ। ଖବରଦାତା ସମ୍ମିଳନୀରେ ପ୍ରାକ୍ତନ ମନ୍ତ୍ରୀ ତଥା ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଏବଂ କବି ବିଷ୍ଣୁ ଶତପଥି ଉପସ୍ଥିତ ଥିଲେ । ଶ୍ରୀରାମ ମନ୍ଦିର ରାରିଟେବୁଲ ଟ୍ରଷ୍ଟର ସଦସ୍ୟ ଜୀବନ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ସମ୍ପାଦକ ଲକ୍ଷ୍ମୀଧର ହାବୋଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷରେ ଭାଜପା ଜିଲା ସଭାପତି, ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କ ସମେତ ଜିଲାର ୬ ବିଧାୟକ ଅପରାଜିତାଙ୍କ ମୟୂରଭଞ୍ଜ ଗସ୍ତ ବେଳେ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ପରେ ମଧୁବନ ପଡ଼ିଆରୁ ଅପରାଜିତା ଏକ ପଦଯାତ୍ରାରେ ବାହାରି ବଜାର ପ୍ରରିକ୍ରମା କରି ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିଲେ।

# ସାଳନ୍ଦୀ କୂଳରେ ହେବ ସ୍ଥାୟୀ ନଦୀବନ୍ଧ

**ଧରିତ୍ରୀ ପ୍ରଭାବ**
- ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ
- ସ୍ଥାନାନ୍ତର ହେବେ ନଦୀକୂଳିଆ ୩ ପରିବାର

ଆରଡ଼ି, ୧୨।୫ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଆରଡ଼ି ପଞ୍ଚାୟତର ଶୀତଳପୁରଠାରେ ସାଳନ୍ଦୀ ନଦୀ କୂଳରେ ବିରାଟ ଫାଟ ସୃଷ୍ଟି ହୋଇଛି। ଏହା ଗାଁ ପ୍ରତି ବିପଦ ସୃଷ୍ଟି କରିବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଏନେଇ ଧରିତ୍ରୀରେ 'ଶୀତଳପୁରକୁ ବିପଦ ସାଳନ୍ଦୀ' ଶୀର୍ଷକ ଖବର ବୁଧବାର ପ୍ରକାଶିତ ହୋଇଥିଲା। ଗୁରୁବାର ଭଦ୍ରକ ଜିଲାପାଳ ତ୍ରିଲୋଚନ ମାଝି ଶୀତଳପୁରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସାଳନ୍ଦୀ ନଦୀ କୂଳରେ ସ୍ଥାୟୀ ପଥରବନ୍ଧ ନିର୍ମାଣ କରାଯାଇ ଗ୍ରାମବାସୀଙ୍କୁ ସୁରକ୍ଷା ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ୩ଦିନ ମଧ୍ୟରେ ଏଷ୍ଟିମେଟ ପ୍ରସ୍ତୁତ କରି ୧୫ଦିନ ଭିତରେ ଏହାକୁ କାର୍ଯ୍ୟକାରୀ କରିବାକୁ ସେ ଯାଜପୁର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ବେହେରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ନଦୀ କୂଳବର୍ତ୍ତୀ ୩ ପରିବାରର ଘରେ ଫାଟ ସୃଷ୍ଟି ହୋଇଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ଜିଲାପାଳ ଉପଲବ୍ଧି କରିଥିଲେ। ତୁରନ୍ତ ସେମାନଙ୍କୁ ସ୍ଥାନାନ୍ତର କରିବାକୁ ସେ ଚାନ୍ଦବାଲି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଉପସ୍ଥିତ ଗ୍ରାମବାସୀଙ୍କ ସହ ସ୍ଥାୟୀ ନଦୀବନ୍ଧ ନିର୍ମାଣ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାପାଳଙ୍କ ସହ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ଜିଲାପାଳ ତ୍ରିଲୋଚନ ମାଝି ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ବାଲି ଘାଟ ପାଇଁ ସର୍ବସାଧାରଣ ଶୁଣାଣି

ଘସିପୁରା,୧୨।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଘସିପୁରା ତହସିଲ ଅଧୀନ ବୈତରଣୀ ନଦୀର ତମ୍ପୋ ବାଲି ସଇରାତକୁ ନେଇ ଗୁରୁବାର ସର୍ବସାଧାରଣ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆହ୍ୱାନ କରାଯାଇଥିବା ଏହି ସର୍ବସାଧାରଣ କାର୍ଯ୍ୟକ୍ରମରେ ପ୍ରଦୂଷଣ ବୋର୍ଡର ଆରଓ ପୁଷ୍ପକ ବେହେରା, କେନ୍ଦୁଝର ଜିଲା ଏଡିଏମ ଉପସ୍ଥିତ ରହି ଲୋକମାନଙ୍କ ଠାରୁ ବାଲି ସଇରାତ ସମ୍ପର୍କିତ ଅଭିଯୋଗ ଶୁଣିଥିଲେ। କାର୍ଯ୍ୟକ୍ରମରେ ଘସିପୁରା ତହସିଲଦାର ବବୁଲ ପେରେଇ, ଅତିରିକ୍ତ ତହସିଲଦାର ଦିବାକର ମାଝୀଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସ୍ଥାନୀୟ ବାତୋ, ଗୋଡିଉପର, କରଡାପାଳ, ଅତା ଓ ତମ୍ପୋ ଆଦି ଗ୍ରାମରୁ ୫ ଶହରୁ ଉର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ନଜର ରଖାଯାଇ ଆନନ୍ଦପୁର ଏସ୍‌ଡିପିଓ, ଘସିପୁରା, ରାମଚନ୍ଦ୍ରପୁର, ଆନନ୍ଦପୁର, ସୋସୋ, ନନ୍ଦିପଦା ଆଦି ଥାନାର ଅଧିକାରୀଙ୍କ ସମେତ ୪ ପ୍ଲାଟୁନ୍ ଫୋର୍ସ ଉପସ୍ଥିତ ଥିଲେ।

## ନାବାଳିକା ଅପହରଣ: ସହଯୋଗୀ ଗିରଫ

ପଦ୍ମପୁର, ୧୨।୫ (ଡି.ଏନ.ଏ.)

ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବାରେ ସହଯୋଗ କରିଥିବା ତପନ ଜେନା ନାମକ ଯୁବକଙ୍କୁ ପୋଲିସ ଗିରଫ କରିଛି। ଦୁଇଦିନ ତଳେ ଏକ ବାଇକ୍‌ରେ ଦୁଇଜଣ ଯୁବକ ନାବାଳିକାଙ୍କୁ ଅପହରଣ କରି ନେଇଥିବା ଅଭିଯୋଗ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଫୁଲମଣି ହେମ୍ବ୍ରମ ତଦନ୍ତ ପୂର୍ବକ ବୁଧବାର ତପନଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛନ୍ତି। ଥାନାରେ ମାମଲା (ନଂ. ୮୮/୨୨) ରୁଜୁ ହୋଇଛି।

# ନଦୀ ସୁରକ୍ଷା ନ ହେଲେ ଆନ୍ଦୋଳନ




ଦାବିପତ୍ର ଦେବାକୁ ଯାଉଛନ୍ତି ନଦୀ ସୁରକ୍ଷା ସମିତି କର୍ମକର୍ତ୍ତା।

ଭଦ୍ରକ ଅଫିସ,୧୨।୫

ଓଡ଼ିଶାରେ ଅନେକ ଛୋଟ ବଡ଼ ନଦୀ ଓ କେନାଲ ଖୋଳାଯାଇ ଜଳକ୍ଲିଷ୍ଟ ଅଞ୍ଚଳକୁ ଜଳ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ହେଲେ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନଦୀ ଜଳ ପରିଚାଳନା, ବିଭିନ୍ନ କଳକାରଖାନା ଏବଂ ଶିଳ୍ପ ଦ୍ୱାରା ଜଳ ଶୋଷଣ ପାଇଁ ଓଡ଼ିଶାର ନଦୀଗୁଡ଼ିକ ଶୁଖି ଗଲାଣି। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ନିର୍ଦ୍ଦେଶାବଳୀକୁ ଉଲ୍ଲଂଘନ କରାଯାଇ ବାଲି ପରିବହନକାରୀମାନଙ୍କୁ ଲାଇସେନ୍ସ ଦିଆଯାଉଛି। ରାଜ୍ୟର ବିକାଶ ପାଇଁ ଏସବୁ ସମସ୍ୟା ସମାଧାନ କ୍ଷେତ୍ରରେ ପଦକ୍ଷେପ ନେବାରେ ରାଜ୍ୟ ସରକାର ଅବହେଳା ପ୍ରଦର୍ଶନ କଲେ, ମୁଖ୍ୟତଃ ନଦୀ ସୁରକ୍ଷା ନ ହେଲେ ବାଧହୋଇ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଭାଜପା ନଦୀ ସୁରକ୍ଷା ସମିତି ଚେତାବନୀ ଦେଇଛି। ଏନେଇ ଭଦ୍ରକ ଜିଲା ଭାଜପା ନଦୀ ସୁରକ୍ଷା ସମିତି ପକ୍ଷରୁ ଉପଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମିତି ଅଧକ୍ଷ ମହେଶ୍ୱର ସାହୁ, ଅମୂଲ୍ୟ ସେଠୀ, ଜିଲା ସଂଯୋଜକ ଶଙ୍କର୍ଷଣ ଜେନା, ସହସଂଯୋଜକ ବନମାଳି ଜେନା, ବଦ୍ରିନାରାୟଣ ଧଳ, ମନସ୍ମିତା ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ପେରୁମାଲ୍ ମୁରୁଗାନ୍‌ଙ୍କୁ ମିଳିବ 'ଫକୀରମୋହନ ଜାତୀୟ ସାହିତ୍ୟ ସମ୍ମାନ'

**ଏଫଏମ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ସମ୍ମାନିତ କରାଯିବ**

ବାଲେଶ୍ୱର ଅଫିସ, ୧୨।୫

ପ୍ରସିଦ୍ଧ ତାମିଲ୍ ଲେଖକ ପେରୁମାଲ୍ ମୁରୁଗାନ୍‌ଙ୍କୁ ୨୦୨୨ ମସିହା ପାଇଁ 'ଫକୀରମୋହନ ଜାତୀୟ ସାହିତ୍ୟ ସମ୍ମାନ' ପ୍ରଦାନ କରାଯିବ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏବଂ କୁଳସଚିବ କୁକୁମୀନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଜୁଲାଇ ୧୧ତାରିଖରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ତଥା ରଜତଜୟନ୍ତୀ ସମାରୋହ ଅବସରରେ ମୁରୁଗାନ୍‌ଙ୍କୁ ସାମଗ୍ରିକ କୃତି ପାଇଁ ଏହି ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯିବ। ମୁରୁଗାନ୍ ନିଜର ସୁପ୍ରସିଦ୍ଧ ପୁସ୍ତକ 'ୱାନ୍ ପାର୍ଟ୍ ୱିମେନ୍' ପାଇଁ ୨୦୧୭ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି। 'ପୂନାଚି: ଓର୍ ଦି ଷ୍ଟୋରି ଅଫ୍ ଏ ବ୍ଲାକ୍ ଗଟ୍', 'ସିଜନ୍ ଅଫ୍ ଦି ପାମ୍' ତାଙ୍କର କିଛି ଉଲ୍ଲେଖଯୋଗ୍ୟ ସାହିତ୍ୟକୃତି। ତାଙ୍କ ଲିଖିତ ଅନେକ ଉପାଦେୟ ପୁସ୍ତକ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ନିମିତ୍ତ ପ୍ରସ୍ତାବିତ ହୋଇଛି।

ଫକୀରମୋହନ ଜାତୀୟ ସାହିତ୍ୟ ସମ୍ମାନ ଓଡ଼ିଆ ଭାଷା ସାହିତ୍ୟର ପ୍ରାତଃସ୍ମରଣୀୟ ସାହିତ୍ୟିକ ଫକୀରମୋହନ ସେନାପତିଙ୍କ ନାମରେ ନାମିତ କରାଯାଇ ଭାରତୀୟ ତଥା ଇଂରାଜୀ ସାହିତ୍ୟର ପ୍ରତିଭାବାନ ଲେଖକମାନଙ୍କୁ ସମ୍ମାନିତ କରାଯିବାର ଅଭିପ୍ରାୟ ନେଇ ୨୦୦୪ରୁ କାର୍ଯ୍ୟକାରୀ ହୋଇଆସୁଛି। ସର୍ବପ୍ରଥମେ ମାଲାୟାଲାମ୍ ସାହିତ୍ୟିକ ୟୁ. ଆର୍. ଅନନ୍ତମୂର୍ତ୍ତୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା। ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍‌ର ନିଷ୍ପତ୍ତିକ୍ରମେ ଏହି ପରମ୍ପରାକୁ ପୁନଃ କାର୍ଯ୍ୟକ୍ଷମ କରାଯାଇଛି। ଏହି ରୀତିରେ ମୁରୁଗାନ୍ ଏହି ପୁରସ୍କାର ତାଲିକାର ଦ୍ୱିତୀୟ ବ୍ୟକ୍ତି ଭାବରେ ସମ୍ମାନ ପ୍ରାପ୍ତିର ଗୌରବ ଲାଭ କରିବେ। ଏହି ପରିପେକ୍ଷୀରେ ମୁରୁଗାନ୍‌ଙ୍କୁ ୧ଲକ୍ଷ ଟଙ୍କା ପୁରସ୍କାର ରାଶି ଓ ମାନପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି।



ଲେଖକ ପେରୁମାଲ୍ ମୁରୁଗାନ୍।

## ବିନା ପାର୍କିଂରେ ଚାଲିଥିଲା ମାର୍କେଟ କମ୍ପ୍ଲେକ୍ସ

କେନ୍ଦୁଝର, ୧୨।୫ (ସ୍ୱ.ପ୍ର.)

ବିନା ପାର୍କିଂ ବ୍ୟବସ୍ଥାରେ କେନ୍ଦୁଝର ସହର ଗାନ୍ଧୀ ଛକ ପାର୍ଶ୍ୱରେ ଶିତଲ ମାର୍କେଟ କମ୍ପ୍ଲେକ୍ସ ଚାଲିଥିବା ଅଭିଯୋଗ ନେଇ ଗୁରୁବାର କେନ୍ଦୁଝରଗଡ ପୌରାଧକ୍ଷ ନିକୁ ସାହୁ, ଉପାଧକ୍ଷ ବରଦା ପ୍ରସନ୍ନ ଦାସଙ୍କ ଉପସ୍ଥିତିରେ ପୌରପାଳିକାର ଏକ ଟିମ୍ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ତଳ ମହଲା ବା ବେସମେଣ୍ଟ ପାର୍କିଂ ପାଇଁ ଉଦ୍ଦିଷ୍ଟ ରଖିଥିବା ନେଇ ଏହାର ମାଲିକ ପୌରପାଳିକା ନିକଟରେ ଅଣ୍ଡରଟେକିଂ ଦେଇଥିଲେ ମଧ ବାସ୍ତବରେ ପାର୍କିଂ ନ ଥିବା ଜଣାପଡିଥିଲା। ପୂର୍ବରୁ ପୌର ପାଳିକା ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଜନାକୀର୍ଣ୍ଣ ଗାନ୍ଧୀଛକରେ ୪ ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ବିନା ପାର୍କିଂରେ ଦୀର୍ଘ ଦିନ ଧରି ବ୍ୟବସାୟ କରି ଆସୁଥିଲା। ଏହି କାରଣରୁ ଜାତୀୟ ରାଜପଥ ୪୯ ପାର୍ଶ୍ୱରେ ଗାଡ଼ିମୋଟର ଛିଡା ହୋଇ ରହୁଥିବାରୁ ନାହିଁ ନଥିବା ଟ୍ରାଫିକ ସମସ୍ୟା ସୃଷ୍ଟି କରିଥିଲା। ତଳ ମହଲାରେ ୨୦୦୦ ସ୍କୋୟାର ଫୁଟ ଜାଗା ପାର୍କିଂ ପାଇଁ ଛାଡିଥିବା ଅଣ୍ଡରଟେକିଂ ଦେଇଥିବାବେଳେ ବାସ୍ତବରେ ଯାଞ୍ଚବେଳେ ମାତ୍ର ୨୦୦ ସ୍କୋୟାର ପାର୍କିଂ ସ୍ଥାନ ଥିଲା। ପ୍ଲାନ ଉଲ୍ଲଂଘନ ହୋଇ ଉକ୍ତ କମ୍ପ୍ଲେକ୍ସ ନିର୍ମାଣ ହୋଇଥିବା ଯାଞ୍ଚ ବେଳେ ଜଣାପଡିଥିଲା। ଯାଞ୍ଚ ସମୟରେ ପୌରପାଳିକା ସହକାରୀ ଯନ୍ତ୍ରୀ ଇଂ ସଂଗ୍ରାମ ବେହେରା, ସିନିୟର ଆସିଷ୍ଟାଣ୍ଟ ଦୀପକ କୁମାର ବେହେରା, ଅମିନ ଯୁଧିଷ୍ଠିର ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



ମାର୍କେଟ କମ୍ପ୍ଲେକ୍ସ ପରିଦର୍ଶନବେଳେ କେନ୍ଦୁଝର ଚେୟାରମ୍ୟାନ ନିକୁ ସାହୁଙ୍କ ସହ ଅନ୍ୟମାନେ।

# ବିନା ବୈଠକରେ ଉନ୍ନୟନକାର୍ଯ୍ୟ ଖସଡ଼ା ପ୍ରସ୍ତୁତ ଅଭିଯୋଗ

ବାଲେଶ୍ୱର ଅଫିସ, ୧୨।୫

ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ଗୋପୀନାଥପୁର ପଞ୍ଚାୟତକୁ ଆସୁଥିବା ସରକାରୀ ଅନୁଦାନର ଉନ୍ନୟନ କାର୍ଯ୍ୟ ଖସଡ଼ା ବିନା ବୈଠକରେ ପ୍ରସ୍ତୁତ ହୋଇ ବିଡିଓଙ୍କଠାରେ ଦାଖଲ ହୋଇଥିବା ନାଏବ ସରପଞ୍ଚ ମଞ୍ଜୁଲତା ନାୟକ ଅଭିଯୋଗ ଆଣିଛନ୍ତ। ଏହି ପ୍ରତିବାଦରେ ଗୁରୁବାର ନାଏବ ସରପଞ୍ଚଙ୍କ ନେତୃତ୍ୱରେ ପଞ୍ଚାୟତବାସୀ ଲିଖିତ ଅଭିଯୋଗପତ୍ର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପଜିଲାପାଳ କୁନାଲ ଚୌହାନ ଓ ସଦର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନରେନ୍ଦ୍ର ଖମାରୀଙ୍କୁ ପ୍ରଦାନ କରିଛନ୍ତି।

ଉକ୍ତ ପଞ୍ଚାୟତରେ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀଙ୍କ ସମେତ ୪ଜଣ ୱାର୍ଡ଼ସଭ୍ୟ ବିଜୟୀ ହୋଇଛନ୍ତି। ଭାଜପା ସମର୍ଥିତରେ ୯ଜଣ ୱାର୍ଡ଼ ସଭ୍ୟାସଭ୍ୟ ବିଜୟୀ ହୋଇଛନ୍ତି। ଫଳରେ ନାଏବ ସରପଞ୍ଚ ଭାଜପା ସମର୍ଥନରେ ନିର୍ବାଚିତ ହୋଇଛନ୍ତି। କେବଳ ଶପଥପାଠ ବୈଠକ ପରେ ପଞ୍ଚାୟତର କୌଣସି ବୈଠକ ହୋଇନାହିଁ। ସରପଞ୍ଚ କମଳଲୋଚନ ପରିଡ଼ା ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରି ବିଡିଓଙ୍କ ପାଖରେ ଦାଖଲ କରିଥିବା ଅଭିଯୋଗ ହୋଇଛି। ନିୟମ ଅନୁସାରେ ତାଲିକା ପ୍ରସ୍ତୁତ ପୂର୍ବରୁ ସରପଞ୍ଚଙ୍କ ଆହ୍ୱାନକ୍ରମେ ପଞ୍ଚାୟତ ବୈଠକର ଦିନ ଧାର୍ଯ୍ୟ କରାଯାଇଥାଏ। ବୈଠକରେ ନାଏବ ସରପଞ୍ଚ, ସମିତିସଭ୍ୟାସଭ୍ୟ, ୱାର୍ଡ଼ ସଭ୍ୟାସଭ୍ୟ ଉପସ୍ଥିତ ରହି ପଞ୍ଚାୟତ ଉନ୍ନୟନ କାର୍ଯ୍ୟ ଖସଡ଼ା କରାଯାଇଥାଏ। ପରେ ପଞ୍ଚାୟତର ଜନସାଧାରଣଙ୍କ ନିମନ୍ତେ ପ୍ରଚାର ଓ ପ୍ରସାର ଦ୍ୱାରା ଗ୍ରାମସଭା କରାଯିବା ପାଇଁ ବିଧିବଦ୍ଧ ବ୍ୟବସ୍ଥା ଥିବାବେଳେ ସରପଞ୍ଚ ପଞ୍ଚାୟତ ନିୟମକୁ ଉଲ୍ଲଂଘନ କରିଥିବା ଅଭିଯୋଗ ଆଣିଛନ୍ତି। ଅଭିଯୋଗପତ୍ରରେ ଉକ୍ତ ପଞ୍ଚାୟତର ୨ନଂ. ୱାର୍ଡ଼ ସଭ୍ୟ ସୁରେନ୍ଦ୍ର ମଲ୍ଲିକ, ୧୧ନଂ. ୱାର୍ଡ଼ ସଭ୍ୟ ସୁଧାକର ମହାଲିକ, ୫ନଂ. ୱାର୍ଡ଼ ସଭ୍ୟ ବାଇଧର ମାଝି, ୩ନଂ. ୱାର୍ଡ଼ ସଭ୍ୟ ଅନୀଲ ନାଥ, ୧୩ନଂ. ୱାର୍ଡ଼ ସଭ୍ୟା ମିତା ଦାସ, ୭ନଂ. ୱାର୍ଡ଼ ସଭ୍ୟା କୁନି ମୁର୍ମୁ, ୪ନଂ. ୱାର୍ଡ଼ ସଭ୍ୟା ଶାନ୍ତି ମୁର୍ମୁ ସ୍ୱାକ୍ଷର କରିଛନ୍ତି।



ଗୋପୀନାଥପୁର ପଞ୍ଚାୟତ ଅଫିସ୍।

ଏନେଇ ସରପଞ୍ଚ କମଳଲୋଚନ ପରିଡ଼ା କହନ୍ତି, ସ୍ୱତନ୍ତ୍ର ଗ୍ରାମସଭା ପାଇଁ ପଞ୍ଚାୟତ ପିଅନ ଦ୍ୱାରା ନୋଟିସ୍ ବହି ଅଭିଯୋଗକାରୀ ୱାର୍ଡ଼ ସଭ୍ୟାସଭ୍ୟମାନଙ୍କ ନିକଟକୁ ପଠାଯାଇଥିଲା। ସେମାନେ ଦସ୍ତଖତ କରି ନ ଥିଲେ କିମ୍ବା ନିର୍ଦ୍ଧାରିତ ଦିବସରେ ହୋଇଥିବା ବୈଠକରେ ଉପସ୍ଥିତ ରହି ନ ଥିଲେ। ସେମାନଙ୍କୁ ମଗାଯାଇଥିବା ୱାର୍ଡ଼ର ଉନ୍ନତିମୂଳକ କାର୍ଯ୍ୟର କୌଣସି ପ୍ରକଳ୍ପ ମଧ ଦେଇ ନ ଥିଲେ। ଉକ୍ତ ବୈଠକରେ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ହେଲପର, ସ୍ୱାସ୍ଥ୍ୟ କର୍ମୀଙ୍କ ସମେତ ଅନ୍ୟ ୪ ୱାର୍ଡ଼ ସଭ୍ୟାସଭ୍ୟ ଉପସ୍ଥିତ ରହି ପଞ୍ଚାୟତରେ ପାନୀୟଜଳ ଉପରେ ଗୁରୁତ୍ୱ ଦିଆଯାଇ ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଭିଯୋଗକାରୀମାନେ ଅନ୍ୟ ଦଳର ସମର୍ଥକ ହୋଇଥିବାରୁ ସେମାନେ ବିରୋଧୀ ଭୂମିକା ଗ୍ରହଣ କରୁଥିବା ଓଲଟା ଅଭିଯୋଗ କରିଛନ୍ତି।

